# ଭୀମ ପୃଷ୍ଟିଙ୍କ ଜମ୍ବୁଲୋକ ଉପନ୍ୟାସ ଏକ ବିଶ୍ଳେଷଣ

**ଦେବସ୍ମିତା ସାହୁ**

ନୂଆବଜାର , ବାଲେଶ୍ୱର

**E-Mail:** debasmita2889@gmail.com

**Article No :** BB-I-IV-2025-02
**DOI No :** 10.64647/bb.vol.1.issue4.2025.2
**Review Status:** Double-Blind Peer Reviewed
**Language of the Article:** Odia
**Type of Article:** Research Article
**Submission Date :** 14-07-2025
**Publication Date :** 14-10-2025

**ସଂକ୍ଷିପ୍ତସାର:**

Abstract

ଏକବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସ ସାହିତ୍ୟ ଜଗତରେ ଜଣେ ପାଠକ ପ୍ରିୟ ଉପନ୍ୟାସ ହେଉଛନ୍ତି ଭୀମ ପୃଷ୍ଟି । ଏହିଭଳି ଜଣେ ବାସ୍ତବବାଦୀ ସ୍ରଷ୍ଟାଙ୍କର ଜନ୍ମ ହୋଇଥିଲା ୧୯୫୯ ମସିହା ଜାନୁୟାରୀ ୧୧ ତାରିଖ ଯାଜପୁର ଜିଲ୍ଲାର ଧର୍ମଶାଳା ଅନ୍ତର୍ଗତ କାଏମା ଗ୍ରାମରେ । ତାଙ୍କ ଉପନ୍ୟାସ ସୃଷ୍ଟିଗୁଡ଼ିକ ମଧ୍ୟରେ : 'ମୁହାଣ' ( ୨୦୦୧), 'କବିତାର ଉପନ୍ୟାସ'(୨୦୦୨), 'ପ୍ରିୟ ନାରୀ'(୨୦୦୪),'ସମୁଦ୍ର ମଣିଷ'(୨୦୦୬), 'ଓଁ'(୨୦୦୯),'କୁଆଡ଼େ ଚାଲିଛ ରୁହ ପଞ୍ଚଭୂତ'(୨୦୧୧), 'ଜମ୍ବୁଲୋକ'(୨୦୧୭), 'କାଳ୍ପନିକ ଫିକ୍‌ସନ୍ '(୨୦୧୯) ପ୍ରଭୃତି । ୨୦୦୮ ମସିହାରେ 'ସମୁଦ୍ର ମଣିଷ ' ଉପନ୍ୟାସ ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଏବଂ 'ଜମ୍ବୁଲୋକ' ଉପନ୍ୟାସ ପାଇଁ ୨୦୨୩ରେ ଶାରଳା ପୁରସ୍କାର ପ୍ରାପ୍ତ । ଔପନ୍ୟାସିକ ଭୀମ ପୃଷ୍ଟିଙ୍କ ଉପନ୍ୟାସର ପ୍ରମୁଖ ବିଶେଷତ୍ୱ ହେଉଛି ସେ ନିଜେ କ୍ଷେତ୍ର ପରିଦର୍ଶନ କରି ତଥ୍ୟ ସଂଗ୍ରହ କରନ୍ତି ଓ ସେଗୁଡ଼ିକୁ ଲେଖନୀମୁନରେ ଜୀବନ୍ୟାସ ଦିଅନ୍ତି । ଆଲୋଚ୍ୟ 'ଜମ୍ବୁଲୋକ' ଉପନ୍ୟାସରେ ସ୍ୱାଧୀନତା ପରବର୍ତ୍ତୀ କାଳଖଣ୍ଡରେ ବାଂଲାଦେଶରେ ଦେଖାଦେଇଥିବା ସାମ୍ପ୍ରଦାୟିକ ଦଙ୍ଗା ଠାରୁ ଆରମ୍ଭ କରି ବିସ୍ଥାପନ ସମସ୍ୟା , ସ୍ଥିତିବାଦୀ ଦର୍ଶନକୁ ଔପନ୍ୟାସିକ ଜୀବନ୍ତ ଭାବରେ ରୂପ ଦେଇଛନ୍ତି ।

**ମୂଳଶବ୍ଦ:** ଜମ୍ବୁ ଲୋକ, ଶରଣାର୍ଥୀ, ରିଫ୍ୟୁଜି, ସାମ୍ପ୍ରଦାୟିକ ଦଙ୍ଗା, ବିସ୍ଥାପନ ସମସ୍ୟା

ସାଂପ୍ରତିକ ସମୟରେ ଉପନ୍ୟାସଗୁଡ଼ିକ ସମାଜର ଯୁଗୋପଯୋଗିତା ଓ ପାଠକକୁ ଆଖି ଆଗରେ ରଖି ରଚିତ ହୋଇଥାଏ। ଜଣେ ବାସ୍ତବବାଦୀ ସମାଜସଚେତନ ଶିଳ୍ପୀ ସଦାସର୍ବଦା ନିଜର ଅଭିଜ୍ଞତା ଓ ଦୃଷ୍ଟିସନ୍ଧାନୀ ଦିଗକୁ ନେଇ ତାର ଉପନ୍ୟାସର ନକ୍ସା ପ୍ରସ୍ତୁତ କରିଥାଏ। ସେହିଭଳି ଜଣେ ଉଦୀୟମାନ ସ୍ରଷ୍ଟା ହେଉଛନ୍ତି ଭୀମ ପୃଷ୍ଟି। ସମାଜରେ ଦେଖାଦେଇଥିବା 'ରିଫ୍ୟୁଜି ସମସ୍ୟା' ସହିତ ଜୀବନ ବିକଳରେ ବିସ୍ଥାପନ ହେବାର ଦାରୁଣ ଦୁଃଖଦୁର୍ଦ୍ଦଶାର ଚିତ୍ରକୁ ଔପନ୍ୟାସିକ 'ଜମ୍ବୁଲୋକ' ଉପନ୍ୟାସ ମାଧ୍ୟମରେ ଦର୍ଶାଇଛନ୍ତି। ଏହି ଉପନ୍ୟାସର ପ୍ରଥମ ପରିଚ୍ଛେଦ ' ଇନ୍ଦିରା ଗାନ୍ଧୀଙ୍କ ଦସ୍ତଖତ'ରୁ ଆରମ୍ଭ ହୋଇଛି। ୧୯୭୫ ମସିହା ଭାରତୀୟ ରାଜନୀତିର ଘୋର ଅନ୍ଧକାରମୟ ଅଧ୍ୟାୟ। ଏହି ସମୟରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ । ଫଳସ୍ୱରୂପ ଦେଶର ଜନସାଧାରଣ ବହୁବିଧ ସମସ୍ୟାର ସମ୍ମୁଖୀନ ହୋଇଥିଲେ।

### ସାମ୍ପ୍ରଦାୟିକ ସମସ୍ୟା :

ସ୍ୱାଧୀନତା ପରବର୍ତ୍ତୀ ସମୟରେ ବାଂଲାଦେଶରେ ସାମ୍ପ୍ରଦାୟିକ ଦଙ୍ଗା ପରିସ୍ଥିତି ଦେଖାଦେଇଥିଲା । ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ପାକିସ୍ତାନୀ ମୁସଲମାନମାନେ ଅକଥନୀୟ ଅତ୍ୟାଚାର ଚଳାଇବା ସହିତ ବର୍ବରୋଚିତ କାଣ୍ଡମାନ ଘଟାଉ ଥିଲେ । ନିରୀହ ସ୍ତ୍ରୀଲୋକଙ୍କ ଛାତିରେ ଖଣ୍ଡାଚଳାଇ ଜହ୍ଲାଦ ଭଳି ଖୁସି ହେଉଥିଲେ , ଏପରିକି ସୁନ୍ଦରୀ ଯୁବତୀଙ୍କୁ ଦିନବେଳା ବୁଦାଉହାଡ଼କୁ ନେଇ ପାଶବିକ ଅତ୍ୟାଚାର କରୁଥିଲେ । ଏତିକି ସେମାନେ ଖୁସି ହେଉନଥିଲେ , ଛାତିରେ ତଲୱାର ଚଳେଇ ନୃଶଂସ ପରି ପଟ ପଟ ସ୍ତନ କାଟୁଥିଲେ । ଏହି ସ୍ତନ କଟାର ଭୟ ବାଂଲାଦେଶରେ କୋକୁଆ କୁହାଟ ଭଳି ଶୁଭିଚାଲିଲା । ଉଣେଇଶ ସତଚାଳିଶ ମସିହାରେ ଚଟ୍ଟଗ୍ରାମ, ନୂଆଖାଲିରୁ ଶହ ଶହ ସ୍ତ୍ରୀ ଲୋକଙ୍କ କଟାସ୍ତନକୁ ପେଟିରେ ପୂରେଇ ସିଆଲଦା ଷ୍ଟେସନ୍‌କୁ ପଠେଇ ଦେଇଥିଲେ ଏ ହେଡ଼ାଖିଆ। ସତଚାଳିଶରୁ ସତସ୍ତରୀ ମସିହା ଯାଏ ବାଂଲାଦେଶରେ ହିନ୍ଦୁ ଗାଁରେ ଏହି ସ୍ତନ କଟାଇ ସେମାନଙ୍କ ବୀଭତ୍ସ ଖେଳ ଯେପରି ବନ୍ଦ ନଥିଲା । ବାଂଲାଦେଶରୁ ହିନ୍ଦୁମାନଙ୍କୁ ହଟେଇବା ପାଇଁ ସ୍ତ୍ରୀ ଲୋକମାନଙ୍କର ସ୍ତନକଟା ଓ ଇଜ୍ଜତ ଲୁଟ୍‌ର ଅନ୍ତ ନଥିଲା। ଏଥିରେ ବହୁ ସ୍ତ୍ରୀ ଲୋକ ଛଟପଟ ହୋଇ ମୃତ୍ୟୁବରଣ କରିଛନ୍ତି । ଯିଏ ବଂଚିଲା ବିକଳାଙ୍ଗ ହୋଇ ବଂଚିବାଠୁ ମରିଯିବା ଭଲ ଭାବି ବିଷ ଖାଇ ମୃତ୍ୟୁବରଣ କରିଛନ୍ତି । କେଉଁ ଝିଅ ପଟେ ସ୍ତନ ହରେଇ ବାପ ମାଆର ବୋଝ ହୋଇ ଘରକୋଣରେ ଲୁଚି ରହିଲେ । ଦିନର ଆଲୁଅକୁ ସେ ଭୟକଲେ । କାଳେ ସେ ହେଡ଼ାଖିଆ ତା' ଆରପଟ ସ୍ତନକୁ ହାଣିଦେବ – ଏହି ଭୟରେ ରହିଲା, ଦେଶାନ୍ତରରେ ବାହାରିଥିବା ତା' ବାପାମାଆ ଥିଲେ ଚିନ୍ତାରେ ଅନ୍ୟ ଦେଶରେ ଏ ଝିଅକୁ ବାହାହେବ କିଏ ? ଜହ୍ଲାଦମାନେ ଏହିପରି ନରସଂହାର କରୁଥିଲେ । କୌଣସି ପୂଜାପାର୍ବଣ ସମୟରେ ମଧ୍ୟ ମନ୍ଦିରରେ ନାଲି ପତାକା ଉଡ଼େଇ ପାରିବନି କହି ଚେତାବନୀ ଦେଉଥିଲେ ଏବଂ କଳା ପତାକା ନ ଉଡ଼ାଇଲେ ପୂଜା କରାଇବାକୁ ଦେବେନି ବୋଲି ଧମକ ଦେଉଥିଲେ । ତାଙ୍କ ଡରରେ ପିଲାଠୁଁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଥରହର ହେଉଥିଲେ । ଔପନ୍ୟାସିକ ଜହ୍ଲାଦମାନଙ୍କୁ ହେଡ଼ାଖିଆ ବୋଲି କହିଛନ୍ତି । ଏହି ହେଡ଼ାଖିଆଙ୍କ ଠାରୁ ବର୍ତ୍ତିବାପାଇଁ ରାୟବାବୁଙ୍କ ପରି ବହୁସଂଖ୍ୟକ ହିନ୍ଦୁ

ପରିବାର ଜୀବନ ବିକଳରେ ରାତାରାତି ଜଳପଥ ଯୋଗେ ଭିଟାମାଟି ଛାଡ଼ିଛନ୍ତି ।

**ବିସ୍ଥାପନ ସମସ୍ୟା :**

ଆଲୋଚ୍ୟ 'ଜମ୍ବୁଲୋକ' ଉପନ୍ୟାସରେ ବିସ୍ଥାପନ ଏକ ମୁଖ୍ୟ ସମସ୍ୟାରୂପେ ଆବିର୍ଭୂତ ହୋଇଛି । ସାଧାରଣ ମଣିଷଟିଏ ଦୁଃଖ-ଦୁର୍ଦ୍ଦଶା ଓ ଚିରକାଳ ଶୋଷଣରୁ ମୁକ୍ତି ପାଇବାର ପ୍ରତ୍ୟାଶା ରଖି ଶାନ୍ତିରେ ଜୀବନ ଜିଇଁବାର ଆଶାନେଇ ବିସ୍ଥାପନକୁ ଶ୍ରେଷ୍ଠ ଅବଲମ୍ବନ ଭାବରେ ଗ୍ରହଣ କରିଛି । ଉପନ୍ୟାସ ଚରିତ୍ର ଜେଜେ ଓରଫ୍ ରାୟବାବୁ ହିନ୍ଦୁସ୍ଥାନର ବାଂଲାଦେଶୀମାନଙ୍କ ରିଫ୍ୟୁଜି କ୍ୟାମ୍ପରେ ଇନ୍ଦିରାଙ୍କ ରେଡ଼ିଓ ଭାଷଣ ପରିବାରଲୋକଙ୍କୁ ଶୁଣାଇଥିଲେ । ଭାଷଣରେ ଇନ୍ଦିରା ଗାନ୍ଧୀ କହିଥିଲେ – " ଆପଣମାନେ ଅନ୍ୟାୟ ଓ ଅତ୍ୟାଚାରରୁ ବଞ୍ଚିବା ପାଇଁ ଆପଣଙ୍କ ଦେଶଛାଡ଼ି ଆମ ଦେଶକୁ ଆସିଛନ୍ତି । ଅନ୍ୟାୟ ଅତ୍ୟାଚାର ଦୂର ହେବ, ଯଦି ଲୋକେ ତାଙ୍କ ଦେଶରେ ରହି ଲଢ଼ିବେ । ଆମ ହିନ୍ଦୁସ୍ଥାନ ଗରୀବ, କିନ୍ତୁ ଯେଉଁମାନେ ବିପଦରୁ ବର୍ତ୍ତିବା ପାଇଁ ଏଠିକି ଆସିଛନ୍ତି ଆମ ଦେଶ କି ଧନୀ, କି ଗରୀବ, ସେମାନଙ୍କୁ ସହାୟତା କରିବାକୁ ପ୍ରସ୍ତୁତ । ଆମ ଦ୍ୱାରା ତୁମ ପାଇଁ ଯେତିକି ସମ୍ଭବ, ସେତକ କରିବୁ ।'' ଏହି ଭାଷଣ ଶୁଣିବାପରେ ଲୋକମାନେ ଆଶ୍ୱସ୍ତି ଅନୁଭବ କରି ହେଡ଼ାଖିଆଙ୍କ ପ୍ରାଦୁର୍ଭାବରୁ ନିଜକୁ ଓ ନିଜ ସ୍ତ୍ରୀ ପିଲାଙ୍କୁ ସୁରକ୍ଷାଦେବା ଉଦ୍ଦେଶ୍ୟରେ ରାତାରାତି ଦେଶାନ୍ତରିତ ହୋଇଛନ୍ତି ଜଳପଥ ମାଧ୍ୟମରେ । ଦୀର୍ଘଦିନ ଧରି ଜଳଯାତ୍ରା କରି ଭାରତ ତଥା ଓଡ଼ିଶାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଜମ୍ବୁରେ ପହଞ୍ଚିଥିଲେ ।

**ରାଜନୈତିକ ସମସ୍ୟା :**

ଶରଣାର୍ଥୀମାନେ କିଛି କାଳ ଶାନ୍ତିରେ ଜମ୍ବୁକୁ ଉପକୂଳକୁ ଆଶ୍ରୟକରି ଝାଟି ମାଟିର କୁଡ଼ିଆଟିଏ କରି ମାଛ ମାରି ଜୀବିକା ନିର୍ବାହ କରିଥିଲେ । ମାତ୍ର ଏ ସୁଖ ଥିଲା ତାଙ୍କ ପାଇଁ କ୍ଷଣସ୍ଥାୟୀ । ତାଙ୍କୁ ବିପଦ ସମୟରେ ଆଶ୍ରୟ ଦେଇଥିବା ଭାରତ ସରକାର ଜମ୍ବୁରେ ବସ୍ତିରେ ରହୁଥିବା ଶହ ଶହ ଲୋକମାନଙ୍କ ନାଁରେ ନୋଟିସ୍ ଜାରି କରିଛି । ମାସକ ଭିତରେ ଭାରତ ଛାଡ଼ିବ । ଏକଥା ଶୁଣି ସମସ୍ତଙ୍କ ମୁଣ୍ଡରେ ବଜ୍ର ପଡ଼ିଗଲା । କେହି କେହି ସ୍ତ୍ରୀଲୋକ ସ୍ୱାମୀ ନାଁରେ ନୋଟିସ୍ ଆସିଛି ଶୁଣି କାନ୍ଦ ବୋବାଳି କରି ଚେତାଶୂନ୍ୟ ହୋଇପଡ଼ିଲେ। କେତେକ ପରିବାରରେ ସ୍ୱାମୀ ନାଁରେ , ଆଉ କାହାର ସ୍ତ୍ରୀ ପୁଣି କାହାର ଛୋଟ ଛୁଆଙ୍କ ନାଁରେ ନୋଟିସ୍ ଜାରି ହୋଇଛି । ଗୋଟେ ପରିବାରର ସ୍ତ୍ରୀ ଭାରତୀୟ ସ୍ୱାମୀ ନୁହେଁ , ପୁଣି କାହାର ସ୍ତ୍ରୀ ଓ ଭାଇ ଭାରତୀୟ ସ୍ୱାମୀ ନୁହେଁ , ନଅ ମାସର ଛୁଆ ଭାରତୀୟ , କାହାର ବାପା ମା' ଭାରତୀୟ ତିନୋଟି ଛୁଆ ଅନୁପ୍ରବେଶକାରୀ , ବାପା ମା' ନଥିବା ଝିଅ ଲକ୍ଷ୍ମୀରାଣୀ ଅନୁପ୍ରବେଶକାରୀ । ଲୋକଙ୍କ ମନକୁ ପ୍ରଶ୍ନ ଆସେ ଏଟା କି ପ୍ରକାର ନୋଟିସ୍ ? ଏ ଦେଶର ପାଗଳମାନେ କ'ଣ ଏମିତି ନୋଟିସ୍ ଲେଖନ୍ତି । ଶେଷକୁ ଜଣାପଡ଼ିଲା ଏସବୁ ରାଜନୀତିର ଖେଳ । ରାଜନେତାମାନେ ନିଜର ସ୍ୱାର୍ଥହାସଲ କରିବାପାଇଁ ବିଶେଷ କରି ଭୋଟ ଆଶାରେ ବାଂଲାଦେଶୀମାନଙ୍କୁ ଭାରତରେ ରହିବାର ସୁଯୋଗ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ରାଜନୀତି ନାମରେ ଚାଲୁଥିବା କୂଟନୀତିର ସ୍ପଷ୍ଟ ଚିତ୍ର ପ୍ରଦାନ କରିଛନ୍ତି ବାସ୍ତବବାଦୀ ଶିଳ୍ପୀ ଭୀମ ପୃଷ୍ଟି ।

**ସ୍ଥିତିବାଦୀ ଚେତନା :**

ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟାବହତାରେ ଧ୍ୱସ୍ତବିଧ୍ୱସ୍ତ ହୋଇପଡ଼ିଥିବା ସାମାଜିକ ବିଧି ବ୍ୟବସ୍ଥା , ପାରଂପରିକ ବିଶ୍ୱାସବୋଧ, ପ୍ରାପ୍ତିହୀନ ଜୀବନ ଜିଜ୍ଞାସା ମଧ୍ୟରୁ ସ୍ଥିତିବାଦର ଜନ୍ମ । ସ୍ଥିତିବାଦୀ ଚେତନାର ମୂଳ କେନ୍ଦ୍ରବିନ୍ଦୁ ହେଉଛି ମଣିଷ । ଯାହାକୁ ନେଇ ସମାଜରେ ତାର ସ୍ଥିତି । ପ୍ରତ୍ୟେକ ବ୍ୟକ୍ତିର ଏକ ନିଜସ୍ୱ ସ୍ଥିତି ରହିଛି । ସେହି ସ୍ଥିତି ସମ୍ପର୍କରେ ଜାଣିବା ହିଁ ସ୍ଥିତିବାଦ । ଏହି ସ୍ଥିତିବାଦୀ ଦର୍ଶନର ଆଦ୍ୟ ପ୍ରବକ୍ତା ହେଉଛନ୍ତି ' ସୋରେନ୍ କିର୍କେଗାଡ୍"। ଊନବିଂଶ ଶତାବ୍ଦୀରେ ସେ ସ୍ଥିତିବାଦ ସମ୍ପର୍କରେ ବିଶ୍ଳେଷଣ କରି କହିଥିଲେ , " Individual should live in accordance with their thinking ". ମନୁଷ୍ୟ ନିଜର ଚିନ୍ତାଧାରା ଅନୁସାରେ ବଞ୍ଚିବା ଉଚିତ୍ । ନିଃସଙ୍ଗତା ହେଉଛି ମନୁଷ୍ୟର ଐଶ୍ୱର୍ଯ୍ୟ । ସ୍ଥିତିବାଦୀ ଦର୍ଶନର ପ୍ରମୁଖ ଦାର୍ଶନିକ ଜାଁ ପଲ ସାର୍ତ୍ରେ , ମାଟିନ୍ ହାଇଡଗାର , ଆଲବର୍ଟ କାମ୍ୟୁ , ଫ୍ରେଞ୍ଜ କାଫକା ପ୍ରଭୃତି ଚିନ୍ତାନାୟକମାନେ ବ୍ୟକ୍ତିର ସ୍ୱାଧୀନତା ଓ ସ୍ଥିତି ଉପରେ ଦୃଢ଼ ଯୁକ୍ତିଉପସ୍ଥାପନା କରିଛନ୍ତି । ବ୍ୟକ୍ତି ତା'ର ଜୀବନ କାଳ ଭିତରେ ବହୁ ଘାତ ପ୍ରତିଘାତର ସମ୍ମୁଖୀନ ହୋଇଥାଏ । ସେ ଭେଟୁଥିବା ଦୁଃସମୟ ହିଁ ହେଉଛି ବ୍ୟକ୍ତିର ସ୍ଥିତିର ବିବିଧତା ।

ପ୍ରାବନ୍ଧିକ ଶରତ କୁମାର ମହାନ୍ତି "ଅସ୍ତିତ୍ୱବାଦର ମର୍ମକଥା" ପୁସ୍ତକରେ କହିଛନ୍ତି , "ମଣିଷ ଜୀବନ ଏପରି ଜଟିଳ , ଅଙ୍କାବଙ୍କା ଓ ଖଣ୍ଡିତ ଯେ ବିଚାର ପାତ୍ରରେ ଜୀବନକୁ ଭରି ହୁଏନାହିଁ । ମଣିଷ ଜୀବନ ଖାଲି ଆଲୁଅ ନୁହେଁ , ଅନ୍ଧାର ଆଲୁଅର ମିଶ୍ରଣ ; ସଳଖ ନୁହେଁ , ଅଙ୍କାବଙ୍କା – ସଂଦିଗ୍ଧ , ଅବିଚ୍ଛିନ୍ନ ନୁହେଁ , ବିଚ୍ଛିନ୍ନ । ସେ ଜଗତ ଠାରୁ ବିଚ୍ଛିନ୍ନ , ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ , ଏପରିକି କି ନିଜଠାରୁ ବିଚ୍ଛିନ୍ନ ।"

ଭୀମ ପୃଷ୍ଟିଙ୍କ ଜମ୍ବୁଲୋକ ଉପନ୍ୟାସରେ ଜୀବନ ଜିଜ୍ଞାସାର ଚିତ୍ର ପ୍ରତିଫଳିତ ହୋଇଛି । ବାଂଲାଦେଶରୁ ଶରଣାର୍ଥୀମାନେ ନିଜ ଜିଇଁବାର ରାହା ନେଇ ସବୁ କିଛିକୁ ପାସୋରି ଦେଇ ରାତି ଅଧରେ ନିଜ ସତ୍ତାକୁ ବଞ୍ଚାଇ ରଖିବା ପାଇଁ ସାତସମୁଦ୍ର ପାରିକରି ଆସି ଜମ୍ବୁରେ ପହଞ୍ଚିଛନ୍ତି। ନିଜର ଟଳମଳ ହେଉଥିବା ଜୀବନକୁ ସୁରକ୍ଷା ଦେବା ପାଇଁ ସେ ହେଡ଼ାଖିଆଙ୍କ ପାଖରୁ। ସୃଷ୍ଟିର ସକଳ ଜୀବ ନିଜ ସ୍ଥିତିକୁ ସୁଦୃଢ଼ କରିବାପାଇଁ ସଂଘର୍ଷ କରିଛି। କାରଣ ସଂଘର୍ଷ ବିନା ତାର ମୁକ୍ତି ନାହିଁ। ଜୀବନଠୁ ବଡ଼ ଆଉ କିଛି ନାହିଁ, ଏକଥାକୁ ମର୍ମେ ମର୍ମେ ଉପଲବ୍ଧି କରିଛନ୍ତି ବାଂଲାଦେଶୀ ଶରଣାର୍ଥୀମାନେ , ଯେଉଁଥି ପାଇଁ ସେ ଜୀବନ ତମାମ ସଂଘର୍ଷ କରିଛନ୍ତି । ତାଙ୍କ ସଂଘର୍ଷର ଅନ୍ତ ନାହିଁ । ଜୀବନ ଯନ୍ତ୍ରଣାର ଦାବାନଳରେ ଦଗ୍ଧ ହୋଇ ମଧ୍ୟ ସେମାନେ ଶେଷ ନିଶ୍ୱାସ ଥିବା ଯାଏଁ ସଂଘର୍ଷ କରିଛନ୍ତି । କାରଣ ସେମାନେ ମଣିଷ ଜୀବନର ମୂଲ୍ୟକୁ ବୁଝିଛନ୍ତି।

**ଉପସଂହାର**

ବାସ୍ତବରେ ସ୍ଥିତିବାଦୀ ଔପନ୍ୟାସିକମାନେ ପରିଚିତ ଜଗତରୁ ମଣିଷକୁ ଆଉ ଏକ ଅଦୃଶ୍ୟ ଜଗତକୁ ନେଇ ଯିବାର କ୍ଷମତା ରଖନ୍ତି। ଯାହା ଏଠାରେ ଭୀମ ପୃଷ୍ଟି କରିଦେଖାଇଛନ୍ତି। ମଣିଷର ଅନ୍ଧାରୀ ମନକୁ ଆବିଷ୍କାର କରିବାର ଅଦ୍ଭୁତ ସାମର୍ଥ୍ୟ ତାଙ୍କର ଥାଏ। ଯାହାଦ୍ୱାରା ସେମାନେ ମଣିଷ ଭିତରେ ଥିବା ନରରୂପୀ ରାକ୍ଷସମାନଙ୍କର ଲୀଳାଭୂମିକୁ ଦେଖାଇବାରେ ସମର୍ଥ ହୋଇଛନ୍ତି । ଭଲ ମଣିଷ ସହିତ ଆଉ ଜଣେ ବିପରୀତ ମଣିଷ ଯେ ବଞ୍ଚିଛି ଏକଥାକୁ

ସ୍ଥିତିବାଦୀ ସମାଜସଚେତନ ଶିଳ୍ପୀମାନେ ତାଙ୍କ ଉପନ୍ୟାସ ମଧ୍ୟରେ ସୂଚାଇ ଦେଇଛନ୍ତି। କଥାକାର ଭୀମ ପୃଷ୍ଟି ତାଙ୍କ ଶ୍ରେଷ୍ଠ କୃତି "ଜମ୍ବୁଲୋକ" ଉପନ୍ୟାସ ମଧ୍ୟମରେ ଜୀବନର ବିଶାଳତାକୁ ବେଶ୍ ମାର୍ମିକ ଭାବରେ ବ୍ୟକ୍ତ କରିଛନ୍ତି।

**ସଙ୍କେତ ସୂଚୀ :**


୧ . ପୃଷ୍ଟି , ଭୀମ , ଜମ୍ବୁଲୋକ , ପଶ୍ଚିମ ପବ୍ଲିକେସନ୍ , ଭୁବନେଶ୍ୱର , ୨୦୧୭ ।

୨ . କର , ବାଉରୀବନ୍ଧୁ , ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ , ଫ୍ରେଣ୍ଡସ୍ ପବ୍ଲିକେସନ୍ , କଟକ , ୨୦୧୫ ।

୩ . ପଣ୍ଡା , ଚିତ୍ତରଞ୍ଜନ , ଓଡ଼ିଆ ଉପନ୍ୟାସ ସ୍ରଷ୍ଟାଙ୍କ କୃତି ଓ କୃତିତ୍ୱ , ଏ . କେ . ମିଶ୍ର ପବ୍ଲିଶର୍ସ , କଟକ , ୨୦୨୦ ।

୪ . ପରିଡ଼ା , ପ୍ରକାଶ କୁମାର , ଏକବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟ , ବିଜୟିନୀ ପବ୍ଲିକେସନ୍ , ଭୁବନେଶ୍ୱର , ୨୦୨୩ ।

୫ . ମହାନ୍ତି , ଶରତ କୁମାର , ଅସ୍ତିତ୍ୱବାଦର ମର୍ମକଥା , ଅଗ୍ରଦୂତ ପ୍ରକାଶନୀ , କଟକ , ୧୯୭୭ ।


«««

BINDU BIMARSHA...

| | |
|---|---|
| **Funding Statement:** | This research received no external funding |
| **Conflict of Interest:** | No |
| **Plagiarism Test:** | Yes<br>Similarity Index: 0 % |
| **Ethical Approval:** | Not applicable |
| **License:** | Bhima Prustinka Jambuloka Upanyasa Eka Bishleshana © 2025 by Debasmita Sahu is licensed under Creative Commons Attribution-NonCommercial 4.0 International. To view a copy of this license, visit https://creativecommons.org/licenses/by-nc/4.0/ |